# NATIONAL NEWS BULLETIN (ODIA)
## 4 September - 2025
## Evening Bulletin : 7.15 p.m.

************************************

## ମୁଖ୍ୟ ସମ୍ବାଦ

- ସନ୍ତ୍ରାସବାଦ ବିରୁଦ୍ଧରେ ଏକତ୍ରିତ ହୋଇ ଯୁଦ୍ଧ କରିବା ସମସ୍ତ ମାନବୀୟ ମୂଲ୍ୟବୋଧ ଭିତ୍ତିକ ଦେଶର କର୍ତ୍ତବ୍ୟ ବୋଲି ଉଭୟ ଭାରତ ଓ ସିଙ୍ଗାପୁର ପ୍ରଧାନମନ୍ତ୍ରୀଙ୍କ ମତବ୍ୟକ୍ତ ।
- ଜାତୀୟ ଉଚ୍ଚଶିକ୍ଷାନୁଷ୍ଠାନ ର୍ୟାଙ୍କିଙ୍ଗ୍ ପ୍ରକାଶ କଲେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ।

– ଶୀର୍ଷରେ ରହିଛି ଆଇ.ଆଇ.ଟି. ମାଡ୍ରାସ୍ ।

- ସରସ ଆଜୀବିକା ମେଳାର ୨୭ତମ ସଂସ୍କରଣ ଆସନ୍ତାକାଲିଠାରୁ ଆରମ୍ଭ ହେବ ନୂଆଦିଲ୍ଲୀରେ ।
- ଇଂଲଣ୍ଡରେ ଆଜି ଉଦ୍‌ଘାଟିତ ହେଲା ବିଶ୍ୱ ବକ୍ସିଂ ଚାମ୍ପିୟନ୍‌ସିପ୍ ୨୦୨୫ ।

ଏବଂ

- ଏସିଆ କପ୍ ପୁରୁଷ ହକି ପ୍ରତିଯୋଗିତାର ସୁପର୍ ଫୋର୍ ପର୍ଯ୍ୟାୟରେ ଆଉ କିଛି ସମୟ ପରେ ଭାରତ ଭେଟିବ ମାଲେସିଆକୁ ।

# ଇଣ୍ଡିଆ-ସିଙ୍ଗାପୁର

ସନ୍ତ୍ରାସବାଦ ବିରୁଦ୍ଧରେ ଏକତ୍ରିତ ହୋଇ ଯୁଦ୍ଧ କରିବା ସମସ୍ତ ମାନବୀୟ ମୂଲ୍ୟବୋଧ ଭିତ୍ତିକ ଦେଶଗୁଡ଼ିକର କର୍ତ୍ତବ୍ୟ ବୋଲି ଉଭୟ ଭାରତ ଓ ସିଙ୍ଗାପୁର ସହମତ ହୋଇଛନ୍ତି । ଆଜି ନୂଆଦିଲ୍ଲୀ ଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କର ସିଙ୍ଗାପୁର ପ୍ରତିପକ୍ଷ ଲରେନ୍ସ ଓ୍ୱଙ୍ଗ୍‌ଙ୍କ ସହିତ କରିଥିବା ପ୍ରତିନିଧି ସ୍ତରୀୟ ଆଲୋଚନାରୁ ଏହି ସୂଚନା ମିଳିଛି । ସନ୍ତ୍ରାସବାଦ କାର୍ଯ୍ୟକଳାପ ଲାଗି ଉଭୟ ନେତା ଉଦ୍‌ବେଗ ପ୍ରକାଶ କରିଛନ୍ତି । ଏହି ଅବସରରେ ଦୁଇ ଦେଶ ମଧ୍ୟରେ ବେସାମରିକ ବିମାନ ଚଳାଚଳ, ମହାକାଶ, ଦକ୍ଷତା ବିକାଶ, ଡିଜିଟାଲ୍ କ୍ଷେତ୍ରରେ ନବସୃଜନତା ଏବଂ ସବୁଜ ଓ ଡିଜିଟାଲ୍ ଜାହାଜ ଚଳାଚଳ କରିଡ଼ର ଭଳି ୫ଟି ପ୍ରମୁଖ କ୍ଷେତ୍ରରେ ସହଯୋଗ ଲାଗି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି ।

ପରେ ଅନୁଷ୍ଠିତ ଏକ ଯୁଗ୍ମ ସାମ୍ବାଦିକ ସମ୍ମିଳନୀରେ ଭାଗ ନେଇ ଶ୍ରୀ ମୋଦୀ କହିଛନ୍ତି, ଉଭୟ ଦେଶ ଆସିଆନ୍ ସହିତ ସହଯୋଗକୁ ଅଧିକ ସଶକ୍ତ କରିବା ଏବଂ ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଶାନ୍ତି ଓ ସ୍ଥିରତା ବଜାୟ ରଖିବା ଦିଗରେ ମିଳିତ ପ୍ରୟାସ ଜାରି ରଖିବେ । ଦକ୍ଷିଣ-ପୂର୍ବ ଏସିଆରେ ସିଙ୍ଗାପୁର ଭାରତର ସର୍ବବୃହତ ବାଣିଜ୍ୟ ଭାଗିଦାରୀ ଏବଂ ଦେଶର ଆକ୍ଟ ଇଷ୍ଟ ନୀତିର ଏହା ଏକ ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

**V/O-1--PM--TRADE**

ଶ୍ରୀ ମୋଦୀ କହିଛନ୍ତି, ଦୁଇ ଦେଶ ମଧ୍ୟରେ ବୈଶ୍ୱିକ ଜ୍ଞାନକୌଶଳ ଏବଂ ନବସୃଜନତା ହେଉଛି ଭାଗିଦାରୀର ସଶକ୍ତ ସ୍ତମ୍ଭ । ଆଗାମୀ ଦିନରେ କୃତ୍ରିମ ବୁଦ୍ଧିମତା, କ୍ୱାଣ୍ଟମ୍ ସମେତ ଅନ୍ୟାନ୍ୟ ଡିଜିଟାଲ୍ ବୈଷୟିକ ଜ୍ଞାନକୌଶଳ କ୍ଷେତ୍ରରେ ସହଯୋଗକୁ ସଶକ୍ତ କରିବା ଏବଂ ଉଭୟ ଦେଶର ଶିକ୍ଷାର୍ଥୀଙ୍କ ପ୍ରତିଭାକୁ ବିକଶିତ କରିବା ଲାଗି ହାକାଥନ୍ ଆୟୋଜନ କରିବା ନିମନ୍ତେ ସହମତ ପ୍ରକାଶ ପାଇଛି ।

**V/O-2-PM-DIGITAL**

ସିଙ୍ଗାପୁର ନିର୍ମିତ ୨୦ରୁ ଅଧିକ ଉପଗ୍ରହ ଭାରତ ଉତ୍କ୍ଷେପଣ କରିଥିବା ସମ୍ପର୍କରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ ଶ୍ରୀ ୱୋଙ୍ଗ୍ କହିଛନ୍ତି, ମହାକାଶ ସମେତ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଉଭୟ ଦେଶ ମଧ୍ୟରେ ସହଯୋଗକୁ ଅଧିକ ସଶକ୍ତ କରାଯିବ । ଉଭୟ ଦେଶର ପ୍ରଧାନମନ୍ତ୍ରୀ ଆଜି ଭର୍ଚୁଆଲ୍ ମାଧ୍ୟମରେ ମୁମ୍ବାଇ ବନ୍ଦରର ଦ୍ୱିତୀୟ ଅତ୍ୟାଧୁନିକ ଟର୍ମିନାଲକୁ ଉଦ୍‌ଘାଟନ କରିଛନ୍ତି ।

# ଧର୍ମେନ୍ଦ୍ର ପ୍ରଧାନ

କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ନୂଆଦିଲ୍ଲୀରେ ଜାତୀୟ ଉଚ୍ଚଶିକ୍ଷା ଅନୁଷ୍ଠାନ ଗୁଡ଼ିକର ର୍‍ୟାଙ୍କିଙ୍ଗ୍ ୨୦୨୫ ପ୍ରକାଶ କରିଛନ୍ତି । ଆଇ.ଆଇ.ଟି. ମାଡ୍ରାସ୍ ଶୀର୍ଷ ସ୍ଥାନ ହାସଲ କରିଥିବା ବେଳେ ଏହା ପଛକୁ

ବେଙ୍ଗାଲୁରୁ ସ୍ଥିତ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ ଏବଂ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବମ୍ବେ ରହିଛନ୍ତି ।

ଏହି ଅବସରରେ କେନ୍ଦ୍ର ମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି, ଉଚ୍ଚଶିକ୍ଷା କ୍ଷେତ୍ରରେ ୨୦୧୪-୧୫ ଶିକ୍ଷା ବର୍ଷରେ ଦେଶରେ ସାଢ଼େ ତିନି କୋଟି ଛାତ୍ରଛାତ୍ରୀ ଥିବା ବେଳେ ଏବେ ଏହି ସଂଖ୍ୟା ସାଢ଼େ ୪ କୋଟିରେ ପହଞ୍ଚିଛି । ଆସନ୍ତା ୨୦୩୦ ମସିହା ସୁଦ୍ଧା ଏହି ସଂଖ୍ୟାକୁ ଦ୍ୱିଗୁଣିତ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି । ୨୦୧୪ ମସିହାରେ ଆନ୍ତର୍ଜାତିକ ବିଶ୍ୱବିଦ୍ୟାଳୟ କ୍ୟୁ.ଏସ୍. ର୍‍ୟାଙ୍କିଙ୍ଗ୍‌ରେ ଭାରତର ୧୧ଟି ଶିକ୍ଷାନୁଷ୍ଠାନ ସ୍ଥାନ ପାଇଥିବା ବେଳେ ଏହା ବୃଦ୍ଧି ପାଇ ଏବେ ୫୪ରେ ପହଞ୍ଚିଛି ବୋଲି ଶିକ୍ଷା ମନ୍ତ୍ରୀ ଶ୍ରୀ ପ୍ରଧାନ ସୂଚନା ଦେଇଛନ୍ତି ।

## ଯୋଶୀ-ଓନିଅନ୍

କେନ୍ଦ୍ର ଖାଦ୍ୟ ଓ ଉପଭୋକ୍ତା ବ୍ୟାପାର ମନ୍ତ୍ରୀ ପ୍ରହଲାଦ ଯୋଶୀ ଆଜି କିଲୋ ପିଛା ୨୪ ଟଙ୍କା ରିହାତି ଦରରେ ପିଆଜ ବିକ୍ରି କରିବା ଲାଗି ଉଦ୍ଦିଷ୍ଟ ମୋବାଇଲ୍ ଭ୍ୟାନ୍‌ର ଶୁଭାରମ୍ଭ କରିଛନ୍ତି । ଏହି ଭ୍ୟାନ୍ ଦିଲ୍ଲୀ, ମୁମ୍ବାଇ ଓ ଅହମ୍ମଦାବାଦରେ ଚାଲିବ । ଏହି ଅବସରରେ ଉଦ୍‌ବୋଧନ ଦେଇ ଶ୍ରୀ ଯୋଶୀ କହିଛନ୍ତି, କୃଷକ ଏବଂ ଉପଭୋକ୍ତାମାନଙ୍କ କଲ୍ୟାଣ ଲାଗି ସରକାର ସମ୍ପୂର୍ଣ୍ଣ ପ୍ରତିବଦ୍ଧ । ଖାଦ୍ୟ ପଦାର୍ଥ ଦରରେ ସ୍ଥିରତା ଆଣିବା

ଉପରେ ସରକାରଙ୍କ ପ୍ରାଥମିକତା ଉପରେ ଆଲୋକପାତ କରି ସେ କହିଛନ୍ତି, ଗତ ଜୁଲାଇ ମାସରେ ଖୁଚୁରା ମୁଦ୍ରାସ୍ଫିତି ୧ ଦଶମିକ୍ ୫/୫ ପ୍ରତିଶତ ହ୍ରାସ ପାଇଛି, ଯାହାକି ଗତ ପ୍ରାୟ ୮ ବର୍ଷ ମଧ୍ୟରେ ସର୍ବନିମ୍ନ ବୋଲି ଜଣାପଡ଼ିଛି । ଉପଭୋକ୍ତାମାନଙ୍କର ସୁବିଧା ଲାଗି ସରକାର ଆରମ୍ଭ କରିଥିବା ଏହି ଅଭିଯାନ ସମ୍ପର୍କରେ ସୂଚନା ଦେଇ ଶ୍ରୀ ଯୋଶୀ କହିଛନ୍ତି,

**V/O-4-PRAHLAD-JOSHI**

# ସରସ ମେଳା

ସରସ ଆଜୀବିକା ମେଳାର ୨୭ତମ ସଂସ୍କରଣ ଆସନ୍ତାକାଲିଠାରୁ ନୂଆଦିଲ୍ଲୀରେ ଆରମ୍ଭ ହେବ । ଗ୍ରାମୀଣ ମହିଳାମାନଙ୍କୁ ନିଜର ଉତ୍ପାଦ ବିକ୍ରୟ କରିବା ଲାଗି ଏହି ମେଳା ଏକ ଉତ୍ତମ ମଞ୍ଚ ରୂପେ ପରିଗଣିତ ହୁଏ । ବିଭିନ୍ନ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରୁ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ୪୦୦ରୁ ଊର୍ଦ୍ଧ୍ୱ ଗ୍ରାମୀଣ ମହିଳା ଏଥିରେ ଭାଗ ନେବେ । ଚଳିତ ବର୍ଷ ଏହି ମେଳାର ବିଷୟବସ୍ତୁ ରହିଛି 'ଲକ୍ଷପତି ଦିଦି ତିଆରି କରିବା - ଭୋକାଲ ଫର୍ ଲୋକାଲ୍‌ର ଚାମ୍ପିୟନ୍ ଏବଂ ସଫଳ ଉଦ୍ୟୋଗୀ ଭାବେ ଗଢ଼ି ତୋଳିବା ଲାଗି ଗ୍ରାମୀଣ ମହିଳାଙ୍କ ସଶକ୍ତି କରଣ' । ଆସନ୍ତା ୨୨ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ମେଳାରେ ବିଶେଷ କରି ଲକ୍ଷପତି ଦିଦି

ମାନଙ୍କୁ ନିଜର ହସ୍ତତନ୍ତ, ବୟନଶିଳ୍ପ ଏବଂ ଖାଦ୍ୟ ଉତ୍ପାଦର ଉତ୍ତମ ବିପଣନ ଲାଗି ସୁବିଧା ମିଳିବ ।

## ଶିବରାଜ-ପଞ୍ଜାବ ଭିଜିଟ୍

କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଆଜି ପଞ୍ଜାବର ବନ୍ୟା ପ୍ରଭାବିତ ଅମୃତସର ଓ ଗୁରୁଦାସପୁର ଜିଲ୍ଲାର ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିଛନ୍ତି । ଶ୍ରୀ ଚୌହାନ ଏହି ଅବସରରେ ପ୍ରଭାବିତ ଚାଷୀ ଓ ଜନସାଧାରଣଙ୍କ ସହ ସେମାନଙ୍କର ସମସ୍ୟା ସମ୍ପର୍କରେ ଆଲୋଚନା କରିଛନ୍ତି । ଗଣମାଧ୍ୟମକୁ ଏ ସମ୍ପର୍କରେ ସୂଚନା ଦେଇ ଶ୍ରୀ ଚୌହାନ କହିଛନ୍ତି, ଯେତେବେଳେ ବି ଦେଶ ବା ମାନବିକତା ପ୍ରତି ସେବାର ଅବସର ଆସେ ପଞ୍ଜାବବାସୀ ସର୍ବଦା ଅଗ୍ରଣୀ ଭୂମିକା ନେଇଥାନ୍ତି ।

ଆଜି ମଧ୍ୟ ପଞ୍ଜାବ ବନ୍ୟା ଯୋଗୁଁ ଏକ ଗୁରୁତର ସମୟ ଦେଇ ଗତି କରୁଛି । ଅନେକ ଗ୍ରାମ ଓ ଚାଷଜମି ଏହାଦ୍ୱାରା ପ୍ରଭାବିତ ହେବା ସହିତ ସାଧାରଣ ଜୀବନଯାତ୍ରା ମଧ୍ୟ ବ୍ୟାହତ ହୋଇଛି ବୋଲି ସେ କହିଛନ୍ତି । କୃଷି ମନ୍ତ୍ରୀ କହିଛନ୍ତି, ସ୍ଥିତିର ସମୀକ୍ଷା କରିବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କୁ ପଞ୍ଜାବ ପଠାଇଛନ୍ତି ଏବଂ ଏହି ସଂକଟମୟ ସ୍ଥିତିରେ କେନ୍ଦ୍ର ସରକାର ସମ୍ପୂର୍ଣ୍ଣ ରୂପେ ପଞ୍ଜାବବାସୀଙ୍କ ସହିତ ଦୃଢ଼ ଭାବେ ଛିଡ଼ା

ହୋଇଛନ୍ତି ବୋଲି ଶ୍ରୀ ଚୌହାନ କହିଛନ୍ତି । କେନ୍ଦ୍ର ସରକାରଙ୍କ କୃଷି, ଗ୍ରାମ୍ୟ ଉନ୍ନୟନ, ସଡ଼କ, ଅର୍ଥ ଏବଂ ଶକ୍ତି କ୍ଷେତ୍ର ଭଳି ବିଭିନ୍ନ ବିଭାଗର ଅଧିକାରୀଙ୍କୁ ନେଇ ଗଠିତ ଦୁଇଟି କେନ୍ଦ୍ରୀୟ ଟିମ୍ ଇତିମଧ୍ୟରେ ପଞ୍ଜାବରେ ପହଞ୍ଚି ସ୍ଥିତି ଆକଳନ କରୁଛନ୍ତି ଏବଂ ସେମାନଙ୍କ ରିପୋର୍ଟ ଖୁବ୍ ଶୀଘ୍ର କେନ୍ଦ୍ର ସରକାରଙ୍କୁ ପ୍ରଦାନ କରିବେ ।

**V/O-3--SHIVRAJ--ON-PUNJAB-FLOOD**

ପୂର୍ବରୁ ପଞ୍ଜାବ ରାଜ୍ୟପାଳ ଗୁଲାପ ଚାନ୍ଦ କାଟାରିଆ ଅମିତସର, ପଠାନକୋଟ୍, ଗୁରୁଦାସପୁର, ତର୍ଣ୍ଣତରନ୍ ଏବଂ ଫିରୋଜପୁର ଜିଲ୍ଲା ଗୁଡ଼ିକର ବନ୍ୟା ଜନିତ କ୍ଷୟକ୍ଷତି ସମ୍ପର୍କରେ ଏକ ବିସ୍ତୃତ ରିପୋର୍ଟ୍ ଶ୍ରୀ ଚୌହାନଙ୍କୁ ପ୍ରଦାନ କରିବା ସହ ପରିସ୍ଥିତି ସମ୍ପର୍କରେ ଅବଗତ କରିଥିଲେ । ରେଳବାଇ ଓ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ରାଷ୍ଟ୍ର ମନ୍ତ୍ରୀ ରବନୀତ ସିଂହ ବିଟ୍ଟୁ ମଧ୍ୟ ଏହି ଗସ୍ତ ଅବସରରେ ଶ୍ରୀ ଚୌହାନଙ୍କ ସହିତ ଉପସ୍ଥିତ ଥିଲେ ।

# ସ୍ପୋର୍ଟସ୍

ଏଥର ଖେଳ ଖବର । ବିଶ୍ୱ ବକ୍ସିଂ ଚାମ୍ପିୟାନ୍ ସିପ୍ ଏବଂ ଏସିଆକପ୍ ହକି ପ୍ରତିଯୋଗିତା ସମ୍ପର୍କରେ ଏକ ରିପୋର୍ଟ୍ ।

# ବକ୍ସିଂ

ବିଶ୍ୱ ବକ୍ସିଂ ଚାମ୍ପିୟନ୍‌ସିପ୍ ୨୦୨୫ ଆଜିଠାରୁ ଇଂଲଣ୍ଡର ଲିଭର୍‌ପୁଲ୍‌ରେ ଆରମ୍ଭ ହୋଇଛି । ଏହି ଚାମ୍ପିୟନ୍‌ସିପ୍‌ରେ ଏକ ୨୦ ଜଣିଆ ଭାରତୀୟ ଦଳ ଅଂଶଗ୍ରହଣ କରିଛନ୍ତି । ଦୁଇଥରର ବିଶ୍ୱ ଚାମ୍ପିୟାନ୍ ନିଖାତ୍ ଜାରିନ୍, ଟୋକିଓ ଅଲିମ୍ପିକ୍ ବ୍ରୋଞ୍ଜ ପଦକ ବିଜେତା ଲଭ୍‌ଲିନା ବୋରଗୋହାଇଁ ଏବଂ ଦୁଇଥରର ଏସୀୟ ଚାମ୍ପିୟାନ୍ ପୂଜାରାଣୀ ପ୍ରମୁଖ ମହିଳା ଦଳରେ ସ୍ଥାନ ପାଇଛନ୍ତି । ସେହିପରି ଭାରତୀୟ ପୁରୁଷ ବକ୍ସିଂ ଦଳର ନେତୃତ୍ୱ ସୁମିତ କୁଣ୍ଡୁ ନେଉଥିବା ବେଳେ ଦଳରେ ବିଶ୍ୱ ଯୁବ ଚମ୍ପିୟାନ୍ ସଚିନ୍ ସିୱାଚ୍ ଏବଂ ହର୍ଷ ଚୌଧୁରୀ ସାମିଲ ହୋଇଛନ୍ତି । ସେମାନଙ୍କ ସହିତ ଯଦୁମଣୀ ସିଂହ ମାଣ୍ଡେନ୍‌ଗମ୍, ହିତେଶ ଗୁଲିଆ ଏବଂ ଅଭିନାଶ ଯମୱାଲ ମଧ୍ୟ ଦଳରେ ରହିଛନ୍ତି । ଏହି ଚାମ୍ପିୟନ୍‌ସିପ୍ ନକ୍‌ଆଉଟ୍ ଫର୍ମାଟ୍‌ରେ ଖେଳାଯିବ ।

## ଏସିଆକପ୍ ରେଜଲ୍ଟ

ବିହାରରେ ଚାଲିଥିବା ଏସିଆକପ୍ ପୁରୁଷ ହକି ପ୍ରତିଯୋଗିତାର ସୁପର ଫୋର୍ ପର୍ଯ୍ୟାୟରେ ଆଉ କିଛି ସମୟ ପରେ ଭାରତ ଓ ମାଲେସିଆ ମଧ୍ୟରେ ମୁକାବିଲା ହେବ । ଏହି ମ୍ୟାଚ୍ ସନ୍ଧ୍ୟା ୭ଟା ୩୦ ମିନିଟ୍‌ରେ ରାଜଗିରି ସ୍ପୋର୍ଟସ୍ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ହେବ ।

ଆକାଶବାଣୀ ସମାଚାର ପାଇଁ ମୁଁ ସୁବାସଚନ୍ଦ୍ର ଶତପଥୀ ।

# ଆଫ୍‌ଗାନ ଭୂକମ୍ପ

ଆଫ୍‌ଗାନିସ୍ତାନର କୁନାର୍ ପ୍ରଦେଶରେ ଅନୁଭୂତ ଶକ୍ତିଶାଳୀ ଭୂମିକମ୍ପ ଜନିତ ମୃତ୍ୟୁ ସଂଖ୍ୟା ୧୪୫୭ ଛୁଇଁଛି । ସରକାରୀ ସୂତ୍ରକୁ ଉଦ୍ଧାର କରି ସ୍ଥାନୀୟ ଗଣମାଧ୍ୟମ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ – କୁନାର୍ ଏବଂ ଏହାର ପଡ଼ୋଶୀ ନଙ୍ଗରହାର୍‌ରେ ୬୭ ହଜାରରୁ ଊର୍ଦ୍ଧ୍ୱ ବାସଗୃହ ସମ୍ପୂର୍ଣ୍ଣ ନଷ୍ଟ ହୋଇଛି । ରେଡ୍‌କ୍ରସ୍, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଭଳି ଆନ୍ତର୍ଜାତିକ ସଂସ୍ଥା ଗୁଡ଼ିକ ସମେତ ଭାରତ, ଜାପାନ ଓ ଇରାନ୍’ ଆଫ୍‌ଗାନିସ୍ତାନକୁ ମାନବୀୟ ସହାୟତା ପଠାଇବାରେ ଲାଗିଛନ୍ତି । ଦୁର୍ଗମ ଅଞ୍ଚଳରେ ଏହି ସହାୟତା ପହଞ୍ଚିବା ଲାଗି ଅନେକ ଅସୁବିଧା ଦେଖାଯାଉଛି । ଗତ ମାସ ୩୧ ତାରିଖ ଦିନ ରାତି ୧୧ଟା ୪୭ ମିନିଟ୍‌ରେ ଆଫ୍‌ଗାନିସ୍ତାନର ପୂର୍ବାଞ୍ଚଳରେ ଏହି ଶକ୍ତିଶାଳୀ ଭୂକମ୍ପ ଅନୁଭୂତ ହୋଇଥିଲା । ରିକ୍ଟର୍ ସ୍କେଲ୍‌ରେ ଏହାର ତୀବ୍ରତା ୬ ଥିବା ଜଣାଯାଇଛି ।